# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**24 May - 2024**

**News Editor : *Tapan Kumar Maharana***

**************************************

## ମୁଖ୍ୟ ସମ୍ବାଦ

- ଦେଶର ଷଷ୍ଠ ପର୍ଯ୍ୟାୟ ତଥା ରାଜ୍ୟର ତୃତୀୟ ପର୍ଯ୍ୟାୟ ନିର୍ବାଚନ ଲାଗି ଆସନ୍ତାକାଲି ହେବ ଭୋଟ୍

— ୬ଟି ଲୋକସଭା ଆସନ ଏବଂ ୪୨ଟି ବିଧାନସଭା ନିର୍ବାଚନ ମଣ୍ଡଳୀର ୯୪ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟର କରିବେ ମତଦାନ

- ନିର୍ବାଚନକୁ ଶାନ୍ତି ଶୃଙ୍ଖଳାର ସହିତ ପରିଚାଳନା କରିବା ପାଇଁ ୩୫ ହଜାର ପୁଲିସ୍ କର୍ମଚାରୀ ନିୟୋଜିତ

- ଚଳିତବର୍ଷର ମାଟ୍ରିକ୍ ପରୀକ୍ଷା ଫଳ ଆସନ୍ତା ୨୬ ତାରିଖରେ ପ୍ରକାଶ ପାଇବା ନେଇ ବୋର୍ଡ ପକ୍ଷରୁ ସୂଚନା

ଏବଂ

- ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଅବପାତର ରୂପ ନେଲା ଆସନ୍ତା ରବିବାର ଆଡକୁ  ରାଜ୍ୟରେ ବର୍ଷା ସମ୍ଭାବନା

## ଦେଶର ଷଷ୍ଠ ପର୍ଯ୍ୟାୟ ନିର୍ବାଚନ

ଦେଶର ଷଷ୍ଠ ପର୍ଯ୍ୟାୟ ସାଧାରଣ ନିର୍ବାଚନରେ ଆସନ୍ତାକାଲି ଓଡ଼ିଶା ସମେତ ବିହାର, ହରିୟାଣା, ଝାଡ଼ଖଣ୍ଡ, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ଦିଲ୍ଲୀ ଏବଂ ଜାମ୍ମୁ କାଶ୍ମୀରରେ ୫୮ଟି ଲୋକସଭା ଆସନ ପାଇଁ ମତଗ୍ରହଣ କରାଯିବ । ଏହି ପର୍ଯ୍ୟାୟରେ ମୋଟ୍ ୮ଶହ ଅଣାନବେ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ।

## ତୃତୀୟ ପର୍ଯ୍ୟାୟ ନିର୍ବାଚନ

ରାଜ୍ୟରେ ତୃତୀୟ ପର୍ଯ୍ୟାୟରେ ଆସନ୍ତାକାଲି ୬ଟି ଲୋକସଭା ଆସନ ଓ ଏହା ଅନ୍ତର୍ଗତ ୪୨ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ମତଦାନ ହେବ । ସେହି ଲୋକସଭା ଆସନ ଗୁଡ଼ିକ ହେଉଛି ପୁରୀ, ଭୁବନେଶ୍ୱର, କଟକ, କେନ୍ଦୁଝର, ସମ୍ବଲପୁର ଓ ଢେଙ୍କାନାଳ । ଏହି ପର୍ଯ୍ୟାୟରେ ୯୪ଲକ୍ଷ ୪୮ହଜାର ୫୫୩ଜଣ ମତଦାତା ନିଜର ମତାଧିକାର ସାବ୍ୟସ୍ତ କରିବେ । ଏହି ପର୍ଯ୍ୟାୟରେ ୪୪୭ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଛନ୍ତି ।

## ପ୍ରଧାନମନ୍ତ୍ରୀ, ଶାହାଙ୍କ ଓଡ଼ିଶା ଗସ୍ତ

ବିଜେପି ଦଳର ବରିଷ୍ଠ ନେତ୍ରୀ ତଥା କେନ୍ଦ୍ରମନ୍ତ୍ରୀ **ସ୍ମୃତି ଇରାନୀ** ଆସନ୍ତାକାଲି ଦଳୀୟ ପ୍ରଚାର କାର୍ଯ୍ୟରେ ଓଡ଼ିଶା ଆସିବାର କାର୍ଯ୍ୟକ୍ରମ ରହିଛି । ସେ ପାରାଦ୍ୱୀପର କୁଜଙ୍ଗ, କେନ୍ଦ୍ରାପଡ଼ା ସଂସଦୀୟ କ୍ଷେତ୍ର ଆଳି, ରେମୁଣାରେ ଆୟୋଜିତ ନିର୍ବାଚନୀ ସଭାରେ ଯୋଗଦେବେ । ସେହିପରି ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ **ନରେନ୍ଦ୍ର ମୋଦୀ** ଆସନ୍ତା ୨୯ ତାରିଖରେ ଓଡ଼ିଶା ଗସ୍ତରେ ଆସି କେନ୍ଦ୍ରାପଡା ଓ ବାଲେଶ୍ୱରଠାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ

ପ୍ରଚାର କରିବେ । ବିଜେପିର ବରିଷ୍ଠ ନେତା ତଥା କେନ୍ଦ୍ର ଗୃହମନ୍ତ୍ରୀ **ଅମିତ୍ ଶାହା** ମଧ୍ୟ ଆସନ୍ତା ରବିବାର ଦିନ ବାରିପଦା, ଚାନ୍ଦବାଲି, ପୁରୀ ଓ ନିମାପଡାଠାରେ ଆୟୋଜିତ ବିଜୟ ସଂକଳ୍ପ ସମାବେଶରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

ଅନ୍ୟପକ୍ଷରେ, କଂଗ୍ରେସ ଅଧ୍ୟକ୍ଷ **ମଲ୍ଲିକାର୍ଜୁନ ଖଡ୍‌ଗେ** ଏବଂ ଦଳର ବରିଷ୍ଠ ନେତା **ରାହୁଲ ଗାନ୍ଧୀ** ଆସନ୍ତା ୨୬ ତାରିଖରୁ ୨୮ ତାରିଖ ମଧ୍ୟରେ ଓଡ଼ିଶା ଗସ୍ତରେ ଆସି ବାଲେଶ୍ୱର, ଭଦ୍ରକଠାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବେ ।

## ଅରୁଣ ଷଡଙ୍ଗୀ ସାମ୍ବାଦିକ ସମ୍ମିଳନୀ

ରାଜ୍ୟର ତୃତୀୟ ପର୍ଯ୍ୟାୟ ନିର୍ବାଚନକୁ ଶାନ୍ତି ଶୃଙ୍ଖଳାର ସହ ପରିଚାଳନା କରିବା ପାଇଁ ପୁଲିସ୍ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି ବୋଲି ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକ **ଅରୁଣ କୁମାର ଷଡଙ୍ଗୀ** କହିଛନ୍ତି। ଏହି ପର୍ଯ୍ୟାୟ ନିର୍ବାଚନ ପାଇଁ ରାଜ୍ୟ ପୁଲିସ୍ ଏବଂ ଅର୍ଦ୍ଧ ସାମରିକ ବାହିନୀର ମୋଟ୍ ୩୫ ହଜାର ପୁଲିସ୍ କର୍ମଚାରୀ ନିୟୋଜିତ ହୋଇଛନ୍ତି।

ନିର୍ବାଚନ ପୂର୍ବରୁ କେତେକ ଅଂଚଳରେ ରାଜନୈତିକ ହିଂସା ଓ ଆଇନ୍‌ଶୃଙ୍ଖଳା ପରିସ୍ଥିତିର ଖବର ମିଳୁଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ କହିଛନ୍ତି। ଏହିସବୁ ଅଂଚଳରେ ଅପ୍ରୀତିକର ପରିସ୍ଥିତିକୁ ଏଡାଇ ଶାନ୍ତି ଶୃଙ୍ଖଳା ବଜାୟ ରଖିବାକୁ ଶ୍ରୀ ଧଳ ଅନୁରୋଧ କରିଛନ୍ତି। ସେ କହିଛନ୍ତି, ୬ଟି ଲୋକସଭା ଓ ଏହା ଅନ୍ତର୍ଗତ ୪୨ଟି ବିଧାନସଭା କ୍ଷେତ୍ରରେ ମତଦାନ

ପ୍ରକ୍ରିୟାକୁ ଶାନ୍ତି ଶୃଙ୍ଖଳାର ସହ ଶେଷ କରିବା ପାଇଁ ୧୨୧ କମ୍ପାନୀ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ୍ ବାହିନୀ ମୁତୟନ କରାଯାଇଛି।

## ନିର୍ବାଚନ–ନୟାଗଡ଼

ରାଜ୍ୟର ତୃତୀୟ ପର୍ଯ୍ୟାୟ ନିର୍ବାଚନ ଆସନ୍ତାକାଲି ଅନୁଷ୍ଠିତ ହେବ। ଏହି ପର୍ଯ୍ୟାୟରେ ପୁରୀ ଓ କଟକ ଲୋକସଭା ସଂସଦୀୟ କ୍ଷେତ୍ର ଅଧୀନରେ ରହିଥିବା ନୟାଗଡ଼, ରଣପୁର ଏବଂ ଖଣ୍ଡପଡା ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଭୋଟ ନିଆଯିବ।

ନୟାଗଡ଼ ଜିଲ୍ଲାର ରଣପୁର, ନୟାଗଡ଼, ଏବଂ ଖଣ୍ଡପଡା ବିଧାନସଭା ନିର୍ବାଚନ ମଣ୍ଡଳୀରେ ନିର୍ବାଚନ ସମ୍ପର୍କରେ ଆମର ନୟାଗଡ଼ ସମ୍ବାଦଦାତା **ବିଶ୍ୱନାଥ ପ୍ରତାପ ପଟ୍ଟନାୟକ**ଙ୍କ ରିପୋର୍ଟ....

# - V/O -

## ମାଟ୍ରିକ ରେଜଲ୍ଟ

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଚଳିତବର୍ଷର ମାଟ୍ରିକ୍ ପରୀକ୍ଷା ଫଳ ଆସନ୍ତା ୨୬ ତାରିଖରେ ପ୍ରକାଶ ପାଇବ। ଏନେଇ ବୋର୍ଡ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି ବୋଲି ବୋର୍ଡର ସଭାପତି ଶ୍ରୀକାନ୍ତ ତରାଇ ଆଜି ସୂଚନା ଦେଇଛନ୍ତି। ସେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ୨୬ ତାରିଖ ସକାଳ ସାଢ଼େ ଦଶଟାରେ ରେଜଲ୍ଟ ପ୍ରକାଶ ପାଇବ। ସାଢ଼େ ୧୧ଟା ସୁଦ୍ଧା ବୋର୍ଡର ୱେବସାଇଟ୍‌ରେ ଛାତ୍ରଛାତ୍ରୀମାନେ ନିଜ ପରୀକ୍ଷାଫଳ ଦେଖିପାରିବେ।

## ନିର୍ବାଚନ–ଦେବଗଡ଼

ଆସନ୍ତାକାଲି ହେବାକୁଥିବା ନିର୍ବାଚନକୁ ଶାନ୍ତି, ଶୃଙ୍ଖଳାର ସହ ଅବାଧ ଓ ନିରପେକ୍ଷ କରିବା ପାଇଁ ବିଭିନ୍ନ ଜିଲ୍ଲା ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ବନ୍ଦୋବସ୍ତ କରାଯାଇଛି। **ସମ୍ବଲପୁର** ଜିଲ୍ଲାର ୪ଟି ନିର୍ବାଚନମଣ୍ଡଳୀରେ ମତଦାନ ପାଇଁ ୯୮୪ଟି ବୁଥ୍ କରାଯାଇଛି ବୋଲି ଜିଲ୍ଲାପାଳ ଅକ୍ଷୟ ସୁନୀଲ୍ ଅଗ୍ରୱାଲ୍ କହିଛନ୍ତି। ୫୬୮ଟି ବୁଥ୍‌ରେ ୱେବ୍‌କାଷ୍ଟିଂ ବ୍ୟବସ୍ଥା କରାଯାଇଛି। ୧୮୯ ଆଦର୍ଶ ବୁଥ୍ ଏବଂ ୧୨୨ଟି ସଖି ବୁଥ୍ କରାଯାଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ଏହାଛଡା ଜିଲ୍ଲା ମୁଖ୍ୟାଳୟରେ ଏକ ନିର୍ବାଚନ ପରିଚାଳନା ସମ୍ପର୍କିତ ଏକ କଣ୍ଟ୍ରୋଲ୍ ରୁମ୍ ଖୋଲାଯାଇଛି। ଜିଲ୍ଲାରେ ଆସନ୍ତାକାଲି ଭୋଟ୍ ପାଇଁ ୨ ହଜାର ୮୦୦ ପୁଲିସ୍ କର୍ମଚାରୀ ମୁତୟନ ହୋଇଛନ୍ତି। **କେନ୍ଦୁଝର** ଜିଲ୍ଲାର ୬ଟି ବିଧାନସଭା କ୍ଷେତ୍ର ସମେତ ସଂସଦୀୟ କ୍ଷେତ୍ରର ମୋଟ୍ ୧ ହଜାର ୭୨୦ଟି  ପୋଲିଂ ବୁଥ୍‌ରେ ମତଦାନ ଲାଗି ପୋଲିଂ ପାର୍ଟି ସମସ୍ତ ଭୋଟିଂ ସାମଗ୍ରୀ ନେଇ ବୁଥ୍‌ଗୁଡ଼ିକରେ ପହଞ୍ଚିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି। **ଦେବଗଡ଼** ସରକାରୀ ପଲିଟେକ୍‌ନିକ୍‌ରୁ ପ୍ରିଜାଇଡିଂ ଓ ପୋଲିଂ ଅଧିକାରୀମାନେ ଆବଶ୍ୟକୀୟ ଭୋଟ୍ ସାମଗ୍ରୀ ନେଇ ବୁଥଗୁଡ଼ିକରେ ପହଂଚିଛନ୍ତି। ଆସନ୍ତାକାଲିର ଭୋଟ୍ ପାଇଁ ୪୦ଟି ସଖି ବୁଥ୍, ୪୮ଟି ଆଦର୍ଶ ବୁଥ୍, ୮୦ଟି ସମ୍ବେଦନଶୀଳ ବୁଥ୍ ସମେତ ଜିଲ୍ଲାରେ ୩୩୮ଟି ବୁଥ୍ କରାଯାଇଛି। **ଅନୁଗୁଳ** ଜିଲ୍ଲାର ବିଭିନ୍ନ ବୁଥ୍ ପାଇଁ ନିଯୁକ୍ତ ପୋଲିଂ ଅଧିକାରୀମାନେ ଆଜି ସେମାନଙ୍କ ଗନ୍ତବ୍ୟ ସ୍ଥଳରେ ପହଞ୍ଚିଛନ୍ତି।

## ନିର୍ବାଚନ-ବାଲେଶ୍ୱର

ବାଲେଶ୍ୱର, ଜିଲ୍ଲାରେ ଆଗାମୀ ସାଧାରଣ ନିର୍ବାଚନ ନିମନ୍ତେ ବିଭିନ୍ନ କାର୍ଯ୍ୟପାଇଁ ଅଧିକୃତ ହୋଇଥିବା ଯାନବାହାନଗୁଡିକ ମଧ୍ୟରୁ ନିର୍ବାଚନୀ କର୍ତ୍ତବ୍ୟରେ ଉଲ୍ଲଂଘନ କରିଥିବା ଅଭିଯୋଗରେ ୧୪ ଜଣ ଗାଡ଼ି ମାଲିକଙ୍କ ବିରୁଦ୍ଧରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ

ଏତଲା ଦାୟର କରାଯାଇଛି । ନିର୍ବାଚନ କାର୍ଯ୍ୟରେ ନିୟୋଜିତ ହୋଇଥିବା ଗାଡିଗୁଡ଼ିକ ସଠିକ୍ ରୂପେ କାର୍ଯ୍ୟ କରୁ ନ ଥିବା ଅଭିଯୋଗ ହେବା ପରେ ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି ।

## ଧାନ କ୍ରୟ

ସୁବର୍ଣ୍ଣପୁର ଜିଲ୍ଲାରେ ରବିଧାନ କ୍ରୟ ଗତ ବୁଧବାରରୁ ଆରମ୍ଭ ହୋଇଛି । ଜିଲ୍ଲାପାଳ ଅନନ୍ୟା ଦାସଙ୍କ ସୂଚନା ଅନୁସାରେ ଧାନ ବିକ୍ରୟ ସମ୍ବନ୍ଧିତ ଚାଷୀମାନଙ୍କର ଅଭିଯୋଗକୁ ତୁରନ୍ତ ସମାଧାନ କରାଯିବ । ଧାନ ବିକା ସମ୍ବନ୍ଧିତ ସୂଚନା ପାଇଁ ଏକ ନିୟନ୍ତ୍ରଣ କକ୍ଷ ଖୋଲାଯାଇଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ମିଲରମାନଙ୍କୁ ଧାନ ଉଠାଇବା ପାଇଁ ଯଥାସମ୍ଭବ ପଦକ୍ଷେପ ନେବାପାଇଁ ନିର୍ଦ୍ଦେଶ ଦିଆଯାଇଛି ।

## ପାଣିପାଗ

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଅବପାତର ରୂପ ନେଇଛି । ଆସନ୍ତାକାଲି ସକାଳ ସୁଦ୍ଧା ବାତ୍ୟାର ରୂପ ନେବାର ସମ୍ଭାବନା ଅଛି ବୋଲି ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି । ବାତ୍ୟା ୨୬ ତାରିଖ ସନ୍ଧ୍ୟା ସୁଦ୍ଧା ଭୀଷଣ ବାତ୍ୟାରେ ପରିଣତ ହେବାର ସମ୍ଭାବନା ରହିଛି । କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟ ଅବପାତ ଉତ୍ତର-ପୂର୍ବ ଦିଗରେ ଗତି କରୁଛି । ଏହା ବାଂଲାଦେଶ ଖେପୁପରା ଉପକୂଳରୁ ୮୦୦ କିଲୋମିଟର ଦକ୍ଷିଣ-ଦକ୍ଷିଣପଶ୍ଚିମ ଏବଂ ପଶ୍ଚିମବଙ୍ଗ ଉପକୂଳରୁ ୮୧୦ କିଲୋମିଟର ଦକ୍ଷିଣରେ କେନ୍ଦ୍ରୀଭୂତ ହୋଇଛି । ସମ୍ଭାବ୍ୟ ବାତ୍ୟା ପ୍ରଭାବରେ ରବିବାର ଦିନ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ଓ ମୟୂରଭଞ୍ଜରେ ବର୍ଷାର

ସମ୍ଭାବନା ଅଛି । ଏଥିପାଇଁ ଏହି ୪ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ସତର୍କ ରହିବା ପାଇଁ  ସ୍ୱତନ୍ତ୍ର ରିଲିଫ୍ କମିଶନର ନିର୍ଦ୍ଦେଶ ଦେଇଛନ୍ତି ।